# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 25 March - 2024

### News Editor : Tapan Kumar Moharana

*********************************

## ମୁଖ୍ୟ ସମ୍ବାଦ

- ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆଜିଠାରୁ ହେଲା ଆରମ୍ଭ
- ସାଧାରଣ ନିର୍ବାଚନକୁ ସୁପରିଚାଳନା କରିବା ପାଇଁ ରାଜ୍ୟସ୍ତରୀୟ ପ୍ରବର୍ତ୍ତନ କମିଟି ବୈଠକରେ ନିଆଗଲା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ
- ରାଜ୍ୟର ସରକାରୀ ସ୍କୁଲଗୁଡ଼ିକରେ ପିଏମ୍‌ଶ୍ରୀ ସ୍କୁଲ ଯୋଜନା ଲାଗୁ କରିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ

ଏବଂ

- ରାଜ୍ୟର ପଶ୍ଚିମ ଆଭ୍ୟନ୍ତରୀଣ ଏବଂ ଦକ୍ଷିଣ ଭାଗର ଜିଲ୍ଲାଗୁଡ଼ିକରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ବୃଦ୍ଧି ପାଇବ; ପାଣିପାଗ ବିଭାଗର ସୂଚନା

# ଲୋକସଭା ନିର୍ବାଚନ ଦ୍ୱିତୀୟ ପର୍ଯ୍ୟାୟ – ବିଜ୍ଞପ୍ତି

ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଆଜିଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ଆସନ ନିମନ୍ତେ ଏପ୍ରିଲ ୨୬ ତାରିଖରେ ଭୋଟ ଗ୍ରହଣ ହେବ । ଏହି ପର୍ଯ୍ୟାୟରେ ଆସାମ, ବିହାର, ଛତିଶଗଡ, ଜମ୍ମୁ କଶ୍ମୀର, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ରାଜସ୍ଥାନ, ତ୍ରିପୁରା, ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗ ବ୍ୟତୀତ ମଣିପୁରର ଗୋଟିଏ ଆସନ ରହିଛି ।

ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟ ନାମାଙ୍କନ ପତ୍ର ଦାଖଲର ଗତକାଲି ଶେଷ ଦିନ ଥିଲା । ଏହି ପର୍ଯ୍ୟାୟରେ ୧୭ଟି ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୧୦୨ଟି ଲୋକସଭା ଆସନପାଇଁ ଆସନ୍ତା ମାସ ୧୯ ତାରିଖରେ ଭୋଟ୍ ଗ୍ରହଣ କରାଯିବ ।

# ସମନ୍ୱୟ ବୈଠକ

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟସ୍ତରୀୟ ପ୍ରବର୍ତ୍ତନ କମିଟିର ଏକ ସମନ୍ୱୟ ବୈଠକ ଭୁବନେଶ୍ୱର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ କଡାକଡି ପାଳନ କରାଯିବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଆଇନ୍ ଖିଲାପକାରୀଙ୍କ

ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ବ୍ୟବସ୍ଥାରେ ରହିଥିବା ଯାଞ୍ଚ ଓ ଚଢ଼ଉ ଉପରେ ଶ୍ରୀ ଜେନା ଗୁରୁତ୍ୱାରୋପ କରିଥିଲେ । ଆନ୍ତଃ-ରାଜ୍ୟ ସୀମାରେ ପୋଲିସ ଚେକ୍‌ପୋଷ୍ଟ, ଅବକାରୀ ଚେକ୍‌ପୋଷ୍ଟ, ଜଙ୍ଗଲବିଭାଗ ଚେକ୍‌ପୋଷ୍ଟ ଭଳି ସ୍ଥାନଗୁଡ଼ିକରେ କଡ଼ା ନଜର ରଖିବା ସହିତ ବେଆଇନ୍ ନଗଦ ଟଙ୍କା କାରବାର ଉପରେ ଦୃଷ୍ଟି ରଖିବାମପାଇଁ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ।

## ନିର୍ବାଚନ-ଯାଜପୁର

ଯାଜପୁର ଜିଲ୍ଲାରେ ଯାଜପୁର ଲୋକସଭା ନିର୍ବାଚନମଣ୍ଡଳୀ ସହିତ ସାତଟି ନିର୍ବାଚନ ମଣ୍ଡଳୀ ରହିଛି। ୧୯୯୩ ମସିହା ଏପ୍ରିଲ ୧ ତାରିଖରେ ଯାଜପୁର ଅବିଭକ୍ତ କଟକ ଜିଲ୍ଲାରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଥିଲା।

ଯାଜପୁର ଜିଲ୍ଲାରେ ନିର୍ବାଚନ ସପ୍ତମ ପର୍ଯ୍ୟାୟରେ  ଆସନ୍ତା ଜୁନ ୧ ରେ ମତଦାନ ଗ୍ରହଣ କରାଯିବ। ଜିଲ୍ଲାର ଗୋଟିଏ ଲୋକସଭା ଏବଂ ୭ଟି ବିଧାନସଭା ଲାଗି ୧ ହଜାର ୬୩୫ଟି ବୁଥ୍‌ରେ ପ୍ରାୟ ୧୫ ଲକ୍ଷ ୩୦ ହଜାର ଭୋଟର ମତଦାନ କରିବେ। ନିର୍ବାଚନ ସୁପରିଚାଳନା ଲାଗି ୧୨ ହଜାର କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ୮୫ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନଙ୍କ ଲାଗି ଘରେ ରହି ମତଦାନ କରିବାର ବ୍ୟବସ୍ଥା କରାଯାଇଛି।

ନିର୍ବାଚନକୁ ଅବାଧ ମୁକ୍ତ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା ଲାଗି ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ଅଛି ବୋଲି ଯାଜପୁର ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର କହିଛନ୍ତି। ଯାଜପୁର ଜିଲ୍ଲା ନିର୍ବାଚନ ପ୍ରସ୍ତୁତି ସଂପର୍କରେ ଆମ ସମ୍ବାଦଦାତା ପ୍ରିୟରଞ୍ଜନ କରଙ୍କ ରିପୋର୍ଟ

**- V/O –**

## ଷ୍ଟ୍ରଙ୍ଗ୍‌ରୁମ୍‌ର ଭିତ୍ତିଭୂମି ପରିଦର୍ଶନ

ଢେଙ୍କାନାଳ ଜିଲ୍ଲାରେ ଭୋଟ ଗ୍ରହଣ ପ୍ରକ୍ରିୟାର ସୁପରିଚାଳନା ନିମନ୍ତେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ୍ କାମାକ୍ଷାନଗର ମହାବିଦ୍ୟାଳୟରେ ହେବାକୁ ଥିବା ଷ୍ଟ୍ରଙ୍ଗ୍‌ରୁମ୍‌ର ଭିତ୍ତିଭୂମି ପରିଦର୍ଶନ କରିଛନ୍ତି। ସେ କାମାକ୍ଷାନଗର ଓ ପରଜଙ୍ଗ ନିର୍ବାଚନମଣ୍ଡଳୀର ବିଭିନ୍ନ ବୁଥ୍ ତଦାରଖ କରିବା ସହିତ ଆନୁଷଙ୍ଗିକ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ବିଭାଗୀୟ ଅଧିକାରୀମାନଙ୍କ ସହ ନିର୍ବାଚନ ସଂକ୍ରାନ୍ତରେ ସେ ଆଲୋଚନା କରିଛନ୍ତି।

## ପିଏମ୍‌ଶ୍ରୀ ସ୍କୁଲ ଯୋଜନା

ରାଜ୍ୟର ସରକାରୀ ସ୍କୁଲ ମାନଙ୍କରେ ପିଏମ୍‌ଶ୍ରୀ ସ୍କୁଲ ଯୋଜନା ଲାଗୁ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ମିଳିଥିବା ସୂଚନା ଅନୁସାରେ ଶିକ୍ଷା ମନ୍ତ୍ରଣାଳୟ ସହିତ ରାଜ୍ୟ ସରକାର ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବେ । ଗଣଶିକ୍ଷା ବିଭାଗ ପକ୍ଷରୁ ବୁଝାମଣା ସ୍ୱାକ୍ଷରିତ ହେବା ପରେ ଚଳିତ ଶିକ୍ଷାବର୍ଷରୁ ରାଜ୍ୟର ସ୍କୁଲ ମାନଙ୍କରେ ପିଏମ୍‌ଶ୍ରୀ ସ୍କୁଲ ଯୋଜନା ଲାଗୁ କରାଯିବ ।

## ପିଏଚ୍‌ଡି-ନାମଲେଖା

ଦେଶର ବିଶ୍ୱବିଦ୍ୟାଳୟଗୁଡ଼ିକରେ ପିଏଚ୍‌ଡି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ଯୋଗ୍ୟତା ପରୀକ୍ଷା **ନୀଟ୍‌** ଦେବାକୁ ପଡିବ। ଜାତୀୟ ଟେଷ୍ଟିଂ ଏଜେନ୍ସି-ଏନ୍‌ଟିଏ ଦ୍ୱାରା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ- ୟୁଜିସି ଏହି ପରୀକ୍ଷା ପରିଚାଳନା କରିବ। ଚଳିତ ଶିକ୍ଷାବର୍ଷ ୨୦୨୪-୨୫ରୁ ଜାତୀୟ ଟେଷ୍ଟିଂ ଏଜେନ୍ସିର ସ୍କୋର୍ ମାଧ୍ୟମରେ ଛାତ୍ରଛାତ୍ରୀ ପିଏଚ୍‌ଡି ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ। ଆସନ୍ତା ଜୁନ୍ ମାସରୁ ଏହି ବ୍ୟବସ୍ଥା ଲାଗୁ ହେବ ବୋଲି ୟୁଜିସି ପକ୍ଷରୁ ସୂଚନା ମିଳିଛି।

## ଏନ୍‌ଟିଏ-ଜେଇଇ-ମେନ୍‌ସ

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି JEE Mains Second Session ପାଇଁ ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀମାନଙ୍କ ଲାଗି ଆଗୁଆ ଇଣ୍ଟିମେସନ ସ୍ଲିପ୍ ଜାରି କରିଛି । JEE Mains Second Session ଏପ୍ରିଲ ୪ ତାରିଖରୁ ଏପ୍ରିଲ ୧୨ ତାରିଖ ମଧ୍ୟରେ ହେବ। ସେଗୁଡ଼ିକ ଦେଶର ୩୧୯ଟି ସହରରେ ଅନୁଷ୍ଠିତ ହେବ। ତାହା ମଧ୍ୟରେ ବିଦେଶର ୨୨ଟି ସହରରେ ମଧ୍ୟ ଏହା ଅନୁଷ୍ଠିତ ହେବ ।

## ନିର୍ବାଚନ

ଆଗାମୀ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ, ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବା ନିମନ୍ତେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଜିଲ୍ଲାର ୬୦ ପ୍ରତିଶତ ବୁଥ୍‌ରେ ୱେବ୍ କାଷ୍ଟିଂ

ବ୍ୟବସ୍ଥା କରାଯାଇଛି। ବିଭିନ୍ନ ବୁଥ୍‌ରେ ସିସିଟିଭି ଲଗାଯିବା ସହ ମାଇକ୍ରୋ ଅବଜରଭର୍‌ମାନଙ୍କୁ ନିୟୋଜିତ କରାଯାଇଛି। ସେହିପରି ନିର୍ବାଚନ ଅନିୟମିତତା ସମ୍ପର୍କିତ କୌଣସି ଆପତ୍ତି ଅଭିଯୋଗ ପଞ୍ଜୀକରଣ କରିବା ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମନ୍ୱିତ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଜନସାଧାରଣ ୧୯୫୦ ଟୋଲ୍ ଫ୍ରି ନମ୍ବର କିମ୍ବା ସି.ଭିଜିଲ୍ ଆପ୍ ମାଧ୍ୟମରେ ଅନିୟମିତତା ସମ୍ପର୍କିତ ଅଭିଯୋଗ କରିପାରିବେ ବୋଲି ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ବିନିତ୍ ଭରଦ୍ୱାଜ କହିଛନ୍ତି। ଆସନ୍ତା ମେ’ ୨୫ ଓ ଜୁନ୍ ୧ ତାରିଖରେ ଜିଲ୍ଲାରେ ନିର୍ବାଚନ ହେବ ବୋଲି ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ସୂଚନା ଦେଇଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲାରେ ଭୋଟଗ୍ରହଣ ପ୍ରକ୍ରିୟାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନିମନ୍ତେ ପ୍ରଶାସନିକ ସ୍ତରରେ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଆସନ୍ତା ଜୁନ୍ ୧ ତାରିଖରେ କେନ୍ଦ୍ରାପଡା ଜିଲ୍ଲାରେ ହେବାକୁ ଥିବା ଭୋଟ ଗ୍ରହଣ ନିମନ୍ତେ ଜିଲ୍ଲାର ୬୦ ପ୍ରତିଶତ ବୁଥ୍‌ରେ ସିସି କ୍ୟାମେରା ବ୍ୟବସ୍ଥା କରାଯିବା ସହ ୪୦ ପ୍ରତିଶତ ବୁଥ୍‌ରେ ଭିଡିଓଗ୍ରାଫି ଟିମ୍ ନିୟୋଜିତ କରାଯିବ। ଜିଲ୍ଲାର ୫ଟି ବିଧାନସଭା ମଣ୍ଡଳୀରେ ମୋଟ୍ ୧ ହଜାର ୪୪୫ଟି ବୁଥ୍ ପ୍ରସ୍ତୁତ କରାଯାଇଛି। ସେଥିମଧ୍ୟରୁ ମଡେଲ୍ ବୁଥ୍ ସଂଖ୍ୟା ୧୪୭ ରହିଥିବାବେଳେ ୯୨ଟି ସଖୀ ବୁଥ୍ ରହିଛି ବୋଲି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସୂଚନା ଦେଇଛନ୍ତି। ନିର୍ବାଚନ କମିଶନରଙ୍କ ଦ୍ୱାରା ପ୍ରଣିତ

ଆଦର୍ଶ ଆଚରଣ ବିଧିର ଅନୁପାଳନ ନିମନ୍ତେ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଚରଣବିଧି ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

## ହୀରାକୁଦ ଝାଡାବାନ୍ତି

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ସହରରେ ବ୍ୟାପିଥିବା ଝାଡାବାନ୍ତି ବର୍ତ୍ତମାନ ନିୟନ୍ତ୍ରଣରେ ଅଛି ବୋଲି ହୀରାକୁଦ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ କହିଛନ୍ତି । ଆଜି ୩ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନଙ୍କୁ ହୀରାକୁଦ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି । ଅନ୍ୟପକ୍ଷରେ, ଦୁଇଜଣ ଆକ୍ରାନ୍ତ ସୁସ୍ଥ ହେବା ପରେ ଡାକ୍ତରଖାନାରୁ ଘରକୁ ଫେରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନ କରାଯିବା ସହିତ ସହରର ବିଭିନ୍ନ ଅଞ୍ଚଳରେ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଘର ଘର ବୁଲି ଲୋକାଙ୍କର ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହିତ ଔଷଧ ବଣ୍ଟନ କରୁଛନ୍ତି ।

# ପାଣିପାଗ

ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ପାଗ ଶୁଖିଲା ରହୁଥିବାରୁ ଆସନ୍ତା ୩ ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

ସେହିପରି ପଶ୍ଚିମ ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ୩୮ ରୁ ୪୦ ଡିଗ୍ରୀ ଏବଂ ଉପକୂଳ ଓ ଉତ୍ତର ଓଡ଼ିଶାର ତାପମାତ୍ରା ୩୬ ରୁ ୩୮ ଡିଗ୍ରୀ ମଧ୍ୟରେ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଚଳିତମାସ ଶେଷ ପର୍ଯ୍ୟନ୍ତ ପାଗ ମୁଖ୍ୟତଃ ଶୁଖିଲା ରହିବ। ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଜିଲ୍ଲାର କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି।

ଗତକାଲି ବୌଦ୍ଧରେ ସର୍ବାଧିକ ତାପମାତ୍ରା ୩୮ ଦଶମିକ ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା । ଅନ୍ୟପକ୍ଷରେ ନୟାଗଡ, ମାଲକାନଗିରି, ଭବାନୀପାଟଣା, ବଲାଙ୍ଗିରର ତାପମାତ୍ରା ୩୮ଡିଗ୍ରୀ ସେଲସିୟସ ଥିଲା ।

## ଖେଳ ଖବର

ବାଙ୍ଗାଲୋରଠାରେ ଚାଲିଥିବା ଷଷ୍ଠ ଇଣ୍ଡିଆନ୍ ଓପନ୍ ପାରା-ଦୌଡକୁଦ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡିଶାକୁ ଗୋଟିଏ ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ସହ ମୋଟ୍ ୫ଟି ପଦକ ମିଳିଛି। ଓଡ଼ିଶାର ସୁଚିତ୍ରା ପରିଡା ମହିଳା ଜାଭେଲିନ୍‌ରେ ସ୍ୱର୍ଣ୍ଣ ଏବଂ ସଟ୍‌ପୁଟ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ଜୟନ୍ତୀ ବେହେରା ମହିଳା ୧୦୦ ମିଟର, ୨୦୦ ମିଟର ଓ ୪୦୦ ମିଟର ଦୌଡରେ ୩ଟି ରୌପ୍ୟ ପଦକ ହାସଲ କରିଛନ୍ତି।

*******************************